# NATIONAL NEWS BULLETIN (ODIA)

## 10 May - 2025

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ଭାରତ ଓ ପାକିସ୍ତାନ ଅସ୍ତ୍ରବିରତି ଏବଂ ସାମରିକ କାର୍ଯ୍ୟାନୁଷ୍ଠାନରୁ ବିରତ ରହିବା ନେଇ ସହମତି ପ୍ରକାଶ କରିଛନ୍ତି; କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ
- ଭବିଷ୍ୟତରେ ଭାରତ ବିରୋଧରେ ଯେ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପକୁ ଯୁଦ୍ଧ ଭାବରେ ବିବେଚନା କରାଯିବ ବୋଲି ସରକାର କହିଛନ୍ତି
- ଗୋଷ୍ଠୀ ସଚେତନତା ବ୍ୟତୀତ ସିଭିଲ ଡିଫେନ୍ସ ଏୟାର ରେଡ୍ ସାଇରନ୍ ବ୍ୟବହାର ନ କରିବା ପାଇଁ ଗଣମାଧ୍ୟମ ଚ୍ୟାନେଲଗୁଡ଼ିକ ପାଇଁ ଆଡଭାଇଜରୀ ଜାରି କଲେ ସରକାର
- ଦିଲ୍ଲୀ ବିମାନ ବନ୍ଦରରେ ୬୦ଟି ବିମାନ ଉଡ଼ାଣକୁ ବାତିଲ କରାଗଲା

ଏବଂ

- ଉତ୍ତରାଖଣ୍ଡର କେଦାରନାଥ ଧାମ ପାଇଁ ହେଲିକପ୍ଟର ସେବା ପୁନଃ ଆରମ୍ଭ

## ଜୟଶଙ୍କର ପାକିସ୍ତାନ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ଭାରତ ଏବଂ ପାକିସ୍ତାନ ଉଭୟ ଅସ୍ତ୍ରବିରତି ଏବଂ ସାମରିକ କାର୍ଯ୍ୟାନୁଷ୍ଠାନରୁ ବିରତ ରହିବା ନେଇ ସହମତି ପ୍ରକାଶ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ନିରବଚ୍ଛିନ୍ନ ଭାବରେ ଆତଙ୍କବାଦ ବିରୋଧରେ ନିଜର ଦୃଢ଼ ସାଲିସ ବିହୀନ ମନୋଭାବ ରଖିଛି ଏବଂ ଏହା ଆଗକୁ ମଧ୍ୟ ଜାରି ରଖିବ।

## ଗଭଟ୍. ଆକ୍ଟ ଅଫ୍ ୱାର୍

ଭବିଷ୍ୟତରେ ଭାରତ ବିରୋଧରେ ଯେକୌଣସି ଆତଙ୍କବାଦୀ କାର୍ଯ୍ୟକଳାପକୁ  ଯୁଦ୍ଧ ଭାବରେ ବିବେଚନା କରାଯିବ  ବୋଲି ସରକାର କହିଛନ୍ତି। ଏଭଳି ପରିସ୍ଥିତି ଉପୁଜିଲେ ନୂଆଦିଲ୍ଲୀ ଏହାର କଡ଼ା ଜବାବ ଦେବ ବୋଲି ସରକାରୀ ସୂତ୍ରରୁ ସ୍ପଷ୍ଟ କରାଯାଇଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ବୁଝାମଣା ଘୋଷଣା ହେବାପରେ ମଧ୍ୟ ପାକିସ୍ତାନ ପକ୍ଷରୁ ଉତ୍ତେଜନା ଉପୁଯିବାର ଆଶଙ୍କା ନେଇ ସରକାର ଏଭଳି ମନ୍ତବ୍ୟ ଦେଇଛନ୍ତି।

# ଅସ୍ତ୍ର ବିରତି

ଭାରତ ଓ ପାକିସ୍ତାନ ଉଭୟ ଦେଶ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ କରିଥିବା ବୈଦେଶିକ ସଚିବ ବିକ୍ରମ ମିଶ୍ରି ସୂଚନା ଦେଇଛନ୍ତି । ଜଳ, ସ୍ଥଳ ଓ ଆକାଶ ପଥରେ ଉଭୟ ଦେଶ ଅସ୍ତ୍ରବିରତି ଲାଗୁ ପାଇଁ ବରିଷ୍ଠ ଅଧିକାରୀସ୍ତରୀୟ ଆଲୋଚନା ହୋଇଥିଲା । ଶ୍ରୀ ମିଶ୍ରି କହିଛନ୍ତି, ପାକିସ୍ତାନର ମିଲିଟାରୀ ଅପରେସନ୍‌ର ମହାନିର୍ଦ୍ଦେଶକ ଆଜି ଅପରାହ୍ଣରେ ଅସ୍ତ୍ରବିରତିପାଇଁ ଭାରତ ସହ କଥାବାର୍ତ୍ତା କରିଥିଲେ । ଏହାପରେ ଦୁଇଦେଶ ମଧ୍ୟରେ ସହମତି ପ୍ରକାଶ ପାଇଥିଲା ।

ସେ କହିଛନ୍ତି, ଏହି ଆଲୋଚନା କାଳରେ ଉଭୟ ଦେଶ ଜଳ ସ୍ଥଳ ଏବଂ ଆକାଶ ମାର୍ଗରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି। ଏହି ବୁଝାମଣାକୁ ଉଭୟ ଦେଶ ସ୍ୱୀକୃତି ପ୍ରଦାନ କରିବେ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ଶ୍ରୀ ମିଶ୍ରି କହିଛନ୍ତି, ମହାନିର୍ଦ୍ଦେଶକ ସ୍ତରୀୟ ସାମରିକ ଅଭିଯାନ କଥାବାର୍ତ୍ତା ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ।

# ଆର୍ମି ପିସି

ଭାରତ ଅପରେସନ୍ ସିନ୍ଦୂର ଅଭିଯାନରେ ଇସଲାମାବାଦର ଆକ୍ରମଣାତ୍ମକ ଏବଂ ସାମରିକ କ୍ଷମତାକୁ ନଷ୍ଟ କରିବା ପରେ ପାକିସ୍ତାନକୁ ଅହେତୁକ କ୍ଷତି ସହିବାକୁ ପଡ଼ିଛି। ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଭାରତୀୟ ସେନାର କର୍ଣ୍ଣେଲ ସୋଫିଆ କ୍ୟୁରେସୀ କହିଛନ୍ତି, ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନର ଆକ୍ରମଣାତ୍ମକ ଏବଂ ପ୍ରତିରକ୍ଷା କ୍ଷମତାକୁ ନଷ୍ଟ କରିଛି। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ  କେବଳ ଭାରତ ବିରୋଧୀ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିବା ପାଇଁ ଗ୍ରହଣ କରାଯାଇଛି। କର୍ଣ୍ଣେଲ କ୍ୟୁରେସୀ କହିଛନ୍ତି, ଭାରତ ସଶସ୍ତ୍ର ବାହିନୀ ପାକିସ୍ତାନର କୌଣସି ଧାର୍ମିକ ସ୍ଥଳକୁ ଆକ୍ରମଣ କରିନାହିଁ। ପାକିସ୍ତାନ ଯେଉଁ ଦାବି କରିଛି,  ତା’ର ଯୁଦ୍ଧ ବିମାନ ଜେ.ଏଫ୍.-୧୭ ଭାରତର ଏସ୍.-୪୦୦ ଏବଂ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଘାଟିକୁ କ୍ଷତି ପହଁଞ୍ଚାଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ଖବର ବୋଲି କ୍ୟୁରେସୀ ସ୍ପଷ୍ଟ କରିଛନ୍ତି। ସିର୍‌ସା, ଜାମ୍ମୁ, ପଠାନ୍‌କୋଟ, ଭଟିଣ୍ଡା, ନାଲିଆ ଏବଂ ଭୁଜ୍ ଭାରତର ବାୟୁସେନା ଶିବିର କ୍ଷତିଗ୍ରସ୍ତ ହୋଇଥିବା ଖବର ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଛନ୍ତି। ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ଏବଂ ଏହାର ଏକ ଯଥାର୍ଥ ପ୍ରତିଫଳନ ବୋଲି କ୍ୟୁରେସୀ କହିଛନ୍ତି।

**V/O- QURESHI---PAK-MISINFORMATION**

ଏହି ଅବସରରେ ଭାରତୀୟ ବାୟୁସେନାର ୱିଙ୍ଗ୍ କମାଣ୍ଡର ଭ୍ୟୋମିକା ସିଂ ସ୍ପଷ୍ଟ କରିଛନ୍ତି, ଭାରତୀୟ ସେନା ମସଜିଦ୍‌କୁ କ୍ଷତି ପହଁଞ୍ଚାଇଥିବା ଖବର ସମ୍ପୂର୍ଣ୍ଣ ମିଥ୍ୟା ।

## ଗଭର୍ଣ୍ଣାମେଣ୍ଟ- ଆଡଭାଇଜାରି

ସରକାର ସମସ୍ତ ଗଣମାଧ୍ୟମ ଚ୍ୟାନେଲଗୁଡ଼ିକ ପାଇଁ ଆଡଭାଇଜରି ଜାରି କରିଛନ୍ତି । ଗୋଷ୍ଠୀ ସଚେତନତା ବ୍ୟତୀତ ସେମାନଙ୍କ କାର୍ଯ୍ୟକ୍ରମରେ ସିଭିଲ୍ ଡିଫେନ୍ସ ଏୟାର ରେଡ୍ ସାଇରନ୍ ବ୍ୟବହାର ନ କରିବା ପାଇଁ ଏହି ଆଡଭାଇଜରି ଜାରି କରିଛନ୍ତି ।

## ଦିଲ୍ଲୀ ଏୟରପୋର୍ଟ ଫ୍ଲାଇଟ୍

ଦିଲ୍ଲୀ ବିମାନ ବନ୍ଦରରେ ୬୦ଟି ବିମାନ ଉଡ଼ାଣକୁ ଆଜି ବାତିଲ କରାଯାଇଛି । ଏଥିମଧ୍ୟରୁ ଦିଲ୍ଲୀରୁ ଉଡ଼ାଣ କରିବାକୁ ଥିବା ୩୦ଟି ଘରୋଇ ବିମାନ ଥିବାବେଳେ ଅନ୍ୟ ୩୦ଟି ଘରୋଇ ବିମାନ ଦିଲ୍ଲୀ ବିମାନ ବନ୍ଦରରେ ପହଁଞ୍ଚିବାକୁ ଥିଲା । ଯାତ୍ରୀମାନଙ୍କୁ ପରବର୍ତ୍ତୀ ବିମାନ ଉଡ଼ାଣ ସୂଚନା ଏବଂ ବିକଳ୍ପ ଯାତ୍ରା ବ୍ୟବସ୍ଥା ପାଇଁ ସେମାନଙ୍କ ଏୟାରଲାଇନ୍ସ ସହିତ ପରାମର୍ଶ କରିବାକୁ ଅନୁରୋଧ କରାଯାଇଛି ।

# ପୁଡୁଚେରୀ–ମାଣ୍ଡବୀୟ

କେନ୍ଦ୍ର ଶ୍ରମ, ନିଯୁକ୍ତି ଓ ଯୁବ ବ୍ୟାପାର ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଆଜି ଦିନିକିଆ ଗସ୍ତରେ ଆସି ପୁଡୁଚେରୀରେ ପହଁଞ୍ଚିଛନ୍ତି। ତାଙ୍କ ଗସ୍ତ କାଳରେ ସେ ପୁଡୁଚେରୀ ଉପରାଜ୍ୟପାଳ କେ.କୈଳାଶ ନାଥନ୍ ଓ ମୁଖ୍ୟମନ୍ତ୍ରୀ ଏନ୍.ରଙ୍ଗାସ୍ୱାମୀଙ୍କ ସହ ସାକ୍ଷାତ କରି ବ୍ୟାପକ ଆଲୋଚନା କରିଛନ୍ତି।

ଡକ୍ଟର ମାଣ୍ଡବୀୟ ପୁଡୁଚେରୀ ବିଜେପି ନିର୍ବାଚନ ଦାୟିତ୍ୱରେ ରହିଥିବା ହେତୁ ଆଜି ବିଜେପି କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକ କରିଛନ୍ତି। ଏହି ଅବସରରେ ସେ ସ୍ଥାନୀୟ  ନେତୃବୃନ୍ଦଙ୍କ ସହ ଦଳୀୟ ସାଂଗଠନିକ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି।

# ଉତ୍ତରାଖଣ୍ଡ–ଚାରିଧାମ ଯାତ୍ରା

ଏୟାର ଟ୍ରାଫିକ୍ କଣ୍ଟ୍ରୋଲ–ଏଟିସି’ର ଅନୁମତି ପରେ ଉତ୍ତରାଖଣ୍ଡର କେଦାରନାଥ ଧାମ ପାଇଁ ହେଲିକପ୍ଟର ସେବା ପୁଣିଥରେ ଆରମ୍ଭ ହୋଇଛି। ଦେଶର ସମସ୍ତ ବିମାନ ଯାତ୍ରାର ସମୀକ୍ଷା କରିବା ପରେ ଚାରିଧାମ ଯାତ୍ରା ସମୟରେ ହେଲିକପ୍ଟର ସେବାକୁ ପୁନଃ ଆରମ୍ଭ କରିବା ପାଇଁ– ଏଟିସି ପକ୍ଷରୁ ଅନୁମତି ଦିଆଯାଇଛି। କିଛି ଘଣ୍ଟା ପାଇଁ କେଦାରନାଥକୁ ହେଲିକପ୍ଟର ସେବା ବନ୍ଦ କରାଯାଇଥିଲା। ଏ ପର୍ଯ୍ୟନ୍ତ

ଚାରି ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଏହି ପବିତ୍ର ତୀର୍ଥସ୍ଥଳୀକୁ ଦର୍ଶନ କରିଥିବା ସୂଚନା ମିଳିଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରଦ୍ଧାଳୁମାନଙ୍କୁ କୌଣସି ପ୍ରକାରର ଗୁଜବ ନ ଶୁଣିବାକୁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ତୀର୍ଥଯାତ୍ରାକୁ ସୁରକ୍ଷିତ ଏବଂ ସୁଗମ କରିବା ପାଇଁ ନିରବଚ୍ଛିନ୍ନ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୟୁଏସ୍-ଚାଇନା ଟକ୍ସ

ସ୍ୱିଜରଲାଣ୍ଡର ଜେନିଭାଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ ହୋଇଥିବା ଅତ୍ୟଧିକ ଶୁଳ୍କ ବୃଦ୍ଧି କାରଣରୁ ସୃଷ୍ଟି ହୋଇଥିବା ବାଣିଜ୍ୟିକ ଯୁଦ୍ଧର ଅବସାନ ଘଟିବା ନେଇ ଆମେରିକା ଏବଂ ଚୀନ୍ ମଧ୍ୟରେ ଏକ ଉଚ୍ଚସ୍ତରୀୟ ଆଲୋଚନା ଚାଲିଛି। ଚୀନ୍ ସରକାରୀ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଉପ ପ୍ରଧାନମନ୍ତ୍ରୀ ହେ ଲିଫେଙ୍ଗ ଚୀନ୍ ପକ୍ଷରୁ ଆଲୋଚନାର ନେତୃତ୍ୱ ନେଉଥିବାବେଳେ ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ଏଥିରେ ପ୍ରତିନିଧିତ୍ୱ କରୁଛନ୍ତି।

ସୂଚନାଯୋଗ୍ୟ, ଚୀନ୍ ଆମଦାନୀ ଉପରେ ଆମେରିକା ସର୍ବନିମ୍ନ ୧୪୫ ପ୍ରତିଶତ ଶୁଳ୍କ ଲଗାଇଥିବା ବେଳେ ଆମେରିକା ଆମଦାନୀ ଉପରେ ଚୀନ୍ ୧୨୫ ପ୍ରତିଶତ ଶୁଳ୍କ ଲାଗୁ କରିଛି। ଫଳସ୍ୱରୂପ ଉଭୟ ପକ୍ଷ ମଧ୍ୟରେ ବାଣିଜ୍ୟିକ କାରବାର ବହୁମାତ୍ରାରେ ପରିବର୍ତ୍ତନ ହୋଇଛି।

ଆମେରିକା ପ୍ରତିନିଧି ଶ୍ରୀ ବେସେଣ୍ଟ ଏବଂ ବାଣିଜ୍ୟ ପ୍ରତିନିଧି ଜାମିସନ୍ ଗ୍ରୀର୍' ସ୍ୱିଜରଲାଣ୍ଡ ଯିବାର କିଛି ଘଣ୍ଟା ପରେ ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ ଚୀନ୍ ସାମଗ୍ରୀ ଉପରେ ୮୦ ପ୍ରତିଶତ ଶୁଳ୍କ ହ୍ରାସ କରିବାର ସମ୍ଭାବନା ଘୋଷଣା କରିବା ସହ ଚୀନ୍ ଆମେରିକା ପାଇଁ ତାର ବଜାର ଖୋଲିବାକୁ କହିଛି ।

## ବ୍ୟାଡମିଣ୍ଟନ

ତାଇୱାନର ଠାରେ ଚାଲିଥିବା ତାଇପେଇ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ସିଙ୍ଗିଲ୍ ରାଉଣ୍ଡର ଦୁଇଟି ସେମିଫାଇନାଲ ମ୍ୟାଚ୍‌ରେ ଭାରତର ଆୟୁଷ ସେଟ୍ଟୀ ଓ ଉନ୍ନତି ହୁଡ୍ଡା ପରାସ୍ତ ହୋଇଛନ୍ତି ।

୨୦ ବର୍ଷୀୟ ଆୟୁଷ ସେଟ୍ଟୀ ଚୀନ୍‌ର ଚଉ ତିଏନ-ଚେନ୍‌ଙ୍କଠାରୁ ପୁରୁଷ ବର୍ଗର ସିଙ୍ଗିଲ୍ ସେମିଫାଇନାଲ ମ୍ୟାଚ୍‌ରେ ୨୧-୧୮, ୨୧-୧୭ ସେଟ୍‌ରେ ପରାସ୍ତ ହୋଇଛନ୍ତି। ସେହିପରି ମହିଳା ସିଙ୍ଗିଲ୍‌ସରେ ୧୭ ବର୍ଷୀୟା ଉନ୍ନତି ହୁଡ୍ଡା' ଜାପାନ୍‌ର ତମକା ମିଆଜାକିଙ୍କଠାରୁ ୨୧-୧୯, ୨୧-୧୧ ସେଟ୍‌ରେ ହାରି ଯାଇଛନ୍ତି। ଆସନ୍ତା ମଙ୍ଗଳବାରଠାରୁ ବ୍ୟାଙ୍କକ୍‌ଠାରେ ଆରମ୍ଭ ହେବାକୁ ଥିବା ଥାଇଲାଣ୍ଡ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ତାଙ୍କର ଉନ୍ନତ ଖେଳ ପ୍ରଦର୍ଶନ କରିବାର ଆଶା କରାଯାଉଛି ।

# ଖେଲୋ ଇଣ୍ଡିଆ

ନୂଆଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ାରେ ଡକ୍ଟର କର୍ଣ୍ଣି ସିଂ ରେଞ୍ଜରେ ଅନୁଷ୍ଠିତ ବନ୍ଧୁଚାଳକା ପ୍ରତିଯୋଗିତାର ଶେଷ ଦିନରେ ଖେଳାଳିମାନେ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ୨୫ ମିଟର ମହିଳା ପିସ୍ତଲ ଫାଇନାଲ ପ୍ରତିଯୋଗିତାରେ ଦିଲ୍ଲୀର ନାମିଆ କାପୁର ୨୭ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ମଧ୍ୟପ୍ରଦେଶର ଅଞ୍ଜଳି ମହିନ୍ଦ୍ର ଭାଗବତ ୨୬ ପଏଣ୍ଟ ସହିତ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ରାଜସ୍ଥାନର ଖାନକ ଭ୍ୟାସ ୧୯ ପଏଣ୍ଟ ସହ କାଂସ୍ୟ ପଦକ ଜିତିଛନ୍ତି।